## APY ନାଗରିକଙ୍କର ଚାର୍ଟର

## ଏହି ବେଙ୍କ-ଶାଖା ଦ୍ୱାରା ସେବା ଯୋଗାଇବା ପାଇଁ ଏକ ପ୍ରତିବଦ୍ଧତା

### I. ନୂତନ APY ଏକାଉଣ୍ଟ ଖୋଲିବା

- 18 ଏବଂ 40 ବର୍ଷ ବୟସ ମଧ୍ୟରେ ଥିବା ସମସ୍ତ ସମ୍ଭାବ୍ୟ APY ଗ୍ରାହକଙ୍କୁ APYର ଲାଭ ଓ ବୈଶିଷ୍ଟ୍ୟ ବ୍ୟାଖ୍ୟା କରିବା ।
- ନାମ ଲେଖାଇବା ପାଇଁ ସମ୍ଭାବ୍ୟ APY ଗ୍ରାହକଙ୍କୁ APY ଗ୍ରାହକ ପଞ୍ଜିକରଣ ଫର୍ମ ଯୋଗାଇବା
- APY ଏକାଉଣ୍ଟ ଖୋଲିବା ବେଳେ ପ୍ରାପ୍ତି ସ୍ୱୀକାର ରସିଦ ଏବଂ ଗ୍ରାହକ ସୂଚନା ବ୍ରୋସୁର ଗ୍ରାହକଙ୍କୁ ଯୋଗାଇବା ।
- APY ଏକାଉଣ୍ଟ ଖୋଲିବା ପରେ E-PRAN କାର୍ଡ ଯୋଗାଇବା ।
- ଥିବା ଗ୍ରାହକମାନଙ୍କର ଯୋଗ୍ୟ ପରିବାର ସଦସ୍ୟଙ୍କୁ (ଜୀବନ ସାଥି ଏବଂ ସନ୍ତାନ) APYର ଲାଭ ଏବଂ ବୈଶିଷ୍ଟ୍ୟ ବ୍ୟାଖ୍ୟା କରିବା ଏବଂ APY ଏକାଉଣ୍ଟ ଖୋଲିବା ପାଇଁ ସେମାନଙ୍କୁ ସୁବିଧା କରାଇବା ।
- ସେମାନଙ୍କର ସଞ୍ଚୟ ବେଙ୍କ ଏକାଉଣ୍ଟରେ ଅଟୋ-ଡେବିଟ'ର ଚୟନୀତ ବାରମ୍ବାରତା ଅନୁସାରେ ଯୋଗଦାନ ରାଶିର ସମତୁଲ୍ୟ ଯଥେଷ୍ଟ ଶେଷ ରାଶି ବଜାୟ ରଖିବା ପାଇଁ ଗ୍ରାହକମାନଙ୍କୁ ସୂଚିତ କରିବା ।

### II. ଏକତ୍ରିକରଣ ସୋପାନ ଅଧୀନରେ ସେବା

- APY ଗ୍ରାହକଙ୍କ ଦ୍ୱାରା ଅନୁରୋଧ ଯୋଗୁଁ ଏକାଉଣ୍ଟର ବିବୃତ୍ତି ଯୋଗାଇବା ।
- ପରିବର୍ତ୍ତନ ପାଇଁ APY ଗ୍ରାହକ ପରିବର୍ତ୍ତନ ଫର୍ମ ଯୋଗାଇବା ଯାହା ସମ୍ବନ୍ଧିତ ଥାଏ:
  (i) ନାମାଙ୍କିତ /ଜୀବନ ସାଥି ସବିଶେଷରେ ପରିବର୍ତ୍ତନ /ସଂଶୋଧନ,
  (ii) ବାରମ୍ବାରତାରେ ପରିବର୍ତ୍ତନ / ସଂଶୋଧନ,
  (iii) ଜନ୍ମ ତାରିଖରେ ପରିବର୍ତ୍ତନ /ସଂଶୋଧନ,
  (iv) ପେନସନ ପରିମାଣର ବୃଦ୍ଧି / ହ୍ରାସ,
  (v) ବେଙ୍କ /APY ସେବା ପ୍ରଦାନକାରୀର ପରିବର୍ତ୍ତନ
- APY ଏକାଉଣ୍ଟରେ ବେଙ୍କ ଏକାଉଣ୍ଟର ବର୍ତ୍ତମାନ ସବିଶେଷ ଆପଡେଟ କରିବା ।
- ପେନସନ ରାଶି ବୃଦ୍ଧି କରିବା କ୍ଷେତ୍ରରେ ଏକକାଳୀନ ଅତିଦେୟ ପରିମାଣ ଗଣନା କରିବା ଏବଂ ହ୍ରାସ କରିବା କ୍ଷେତ୍ରରେ SB ଏକାଉଣ୍ଟରେ କ୍ରେଡିଟ ହେବା ରାଶିକୁ ଆକଳନ କରିବା ପାଇଁ ସହାୟତା ପ୍ରଦାନ କରିବା ।
- APY ଏକାଉଣ୍ଟର ଦୃଢତାର ଗୁରୁତ୍ୱତା ଉପରେ APY ଗ୍ରାହକମାନଙ୍କୁ ସୂଚିତ କରିବା ଏବଂ ଅନିୟମିତ APY ଏକାଉଣ୍ଟ କ୍ଷେତ୍ରରେ ଅତିଦେୟ ପରିମାଣ ଓ ବିଳମ୍ବ ଫି' ଗଣନା କରିବାରେ ସହାୟତା କରିବା ।
- ବିନିୟମନରେ ନିର୍ଦ୍ଧାରିତ ସମୟ ସୀମା ଭିତରେ ଗ୍ରାହକଙ୍କର ଅଭିଯୋଗର ସମାଧାନ ସୁନିଶ୍ଚିତ କରିବା ।

### III. APY ଅଧୀନରେ ବାହାରି ଯିବା

- APY ଅଧୀନରେ ସ୍ୱେଚ୍ଛିକ ବାହାରି ଯିବା ଫର୍ମ ଯୋଗାଇବା ।
- ଏକାଉଣ୍ଟ ବନ୍ଦ କରିବା ଫର୍ମ (ମୃତ୍ୟୁ ଘଟଣା) /ଥିବା APY ଗ୍ରାହକଙ୍କ ମୃତ୍ୟୁ ଘଟଣାରେ ଜୀବନ ସାଥି APY ଅଧୀନରେ ଜାରି ରଖିବା ଫର୍ମ ଯୋଗାଇବା ।
- ଥରେ APY ପାଣ୍ଠି ବାହାରି ଆସିବା ପରେ ଏକାଉଣ୍ଟରେ କ୍ରେଡିଟ କରାଯିବା ପରେ SB ଏକାଉଣ୍ଟ ବନ୍ଦ କରିବାକୁ APY ଗ୍ରାହକମାନଙ୍କୁ ସୂଚିତ କରିବା ।

### IV. NPS ସ୍ୱାବଲମ୍ବନ ଏବଂ APY

- ଅଟଳ ପେନସନ ଯୋଜନାକୁ ପ୍ରବାସ କରିବା ପାଇଁ 18-40 ବର୍ଷର ଯୋଗ୍ୟ ବୟସ ଗୋଷ୍ଠୀ ମଧ୍ୟରେ ବର୍ତ୍ତମାନ ଥିବା NPS Lite-ସ୍ୱାବଲମ୍ବନ ଗ୍ରାହକଙ୍କୁ ସୂଚିତ କରିବା ।
- ଯୋଗ୍ୟ ଗ୍ରାହକମାନଙ୍କ ପାଖରୁ ଗ୍ରହଣ କରାଯାଇଥିବା ପ୍ରବାସ ଅନୁରୋଧର ପ୍ରକ୍ରିୟାକରଣ କରିବା ଏବଂ NPS Lite-ସ୍ୱାବଲମ୍ବନର ବକେୟା ବଳକା ସହିତ NPS Lite-ସ୍ୱାବଲମ୍ବନରୁ APYକୁ ସଫଳତାର ସହ ପ୍ରବାସ ସୁନିଶ୍ଚିତ କରିବା ।

### V. APY ଏପ ଉପରେ ସୂଚନା, ଏହାର ଡାଉନଲୋଡ ଏବଂ ଲାଭ

- NSDLର APY ଏପ'ର ବୈଶିଷ୍ଟ୍ୟ ଏବଂ ଲାଭ ସୂଚିତ କରିବା ଏବଂ ପ୍ଲେ ଷ୍ଟୋର'ରେ ଏହାର ଉପଲବ୍ଧତା ମଧ୍ୟ ।

### VI. ସମ୍ପର୍କ ସବିଶେଷ

- APYର ଅଭିଯୋଗ ଉଠାଇବା ପାଇଁ: www.npscra.nsdl.co.in>>Home>>select: NPS Lite
- PFRDAର APY ହେଲ୍ପ ଡେସ୍କ (ଶୁଳ୍କ ମୁକ୍ତ): 1800 110 069
- **PFRDA ୱେବସାଇଟ: www.pfrda.org.in**